

୭ମ ବର୍ଷ ● ୬ଷ୍ଠ ସଂଖ୍ୟା ● ଫେବୃଆରୀ ୨୦୧୮

**ରିପୋର୍ଟ :** କୁନାକୁନି ମେଳା
**ଆମ ମତ :** ଏବେ ବସନ୍ତ ଋତୁର ସମୟ ହୋଇଥିଲେ ମଧ୍ୟ, ଆମେ ଏହି ଋତୁକୁ ସତରେ ଅନୁଭବ କରିପାରୁଛୁ କି ?
**ମାତୃଭାଷାର କଥା :** ମାଆର ଭାଷା: ମାତୃଭାଷା
**ଗପ :** କଳା ଚଷମା, ଦୟାଳୁ ପରିଦର୍ଶକ, ପରୀକ୍ଷା ...
**କବିତା :** ମୋ ମାମୁ, ମୋବାଇଲ, ରକତ ଦେବୁ ଆମେ ...
ଏଥିସହିତ **କୁନିକୁନାଙ୍କ ପାଠଶାଳା, ଖବର ଓ ଆହୁରି ଅନେକ ବିଭାଗ।**

## ରିପୋର୍ଟ: କୁନାକୁନି ମେଳା

ପ୍ରତ୍ୟେକ ବର୍ଷ ପରି ମଧ୍ୟ 'କୁନିକଥା' ଆୟୋଜିତ କୁନାକୁନି ମେଳା; କାଦମ୍ବିନୀ ମହୋତ୍ସବ ଓ ପତ୍ରିକା ହାଟ ଅବସରରେ କିଟ୍ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ତୁମମାନଙ୍କ ପାଇଁ ଏହି ଉତ୍ସବ ସଂପର୍କିତ ଏହା ଏକ ରିପୋର୍ଟ।

## ଆମ ମତ:

ଏବେ ବସନ୍ତ ଋତୁର ସମୟ ହୋଇଥିଲେ ମଧ୍ୟ, ଆମେ ଏହି ଋତୁକୁ ସତରେ ଅନୁଭବ କରିପାରୁଛୁ କି ? ଏ ସମ୍ପର୍କରେ ପିଲାମାନେ ନିଜ ନିଜର ମତ ପ୍ରଦାନ କରିଛନ୍ତି।

## ମାତୃଭାଷାର କଥା: ମାଆର ଭାଷା ମାତୃଭାଷା
**ଲେଖକ : କେଦାର ପୃଷ୍ଟି**

ଚଳିତ ମାସ ୨୧ତାରିଖରେ ଆମେ ପାଳନ କରୁଛୁ 'ଆନ୍ତର୍ଜାତୀୟ ମାତୃଭାଷା ଦିବସ'। ଏହାର ତାତ୍ପର୍ଯ୍ୟ ସମ୍ପର୍କରେ ଏହି ଲେଖାଟି ସମୃଦ୍ଧ।

## ଗପ: କଳା ଚଷମା
**ଲେଖକ: ଦାଶ ବେନହୁର**

ଟୁପୁଲି ହାତରୁ ଖସି ପଡ଼ି ଚଷମାଟି ଭାଙ୍ଗିଗଲା। ଚଷମାଟି ଆଣିଥିଲା ଟୁପୁଲିର ସାଙ୍ଗ ଅଶୋକ। କାଳେ ଦିଦି କ'ଣ ଗାଳି କରିବେ ବୋଲି ଭାବିଥିଲା ଟୁପୁଲି। ମାତ୍ର ଅଶୋକ ନିଜେ ଭାଙ୍ଗିଛି କହି ବଞ୍ଚାଇଦେଲା ଟୁପୁଲିକୁ। ପିଲାଙ୍କ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣକୁ ନେଇ ରଚିତ ଏହି ଗପଟି।

## ଗପ: ପରୀକ୍ଷା
**ଲେଖକ: ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ**

ମା' ତିନିପୁଅଙ୍କୁ କିଛିକିଛି ଟଙ୍କା ଦେଇ, କିଏ କ'ଣ ଆଣିବ ତାହା ପରୀକ୍ଷା କରିବା ପରେ, କିଏ ଶ୍ରେଷ୍ଠ ପୁଅ ହୋଇପାରିଲା, ଏହା ହିଁ ଗପଟିର ବିଷୟବସ୍ତୁ।

## ଗପ: ପ୍ରକୃତ ବନ୍ଧୁ
**ଲେଖିକା: ସ୍ନେହପ୍ରଭା ମହାପାତ୍ର**

ରୋହନ ଦିନେ ବଞ୍ଚାଇଥିବା କୁକୁର ଛୁଆଟି ବଡ଼ ହେଲାପରେ କିପରି ରୋହନର ଜୀବନ ବଞ୍ଚାଇ ପାରିଛି, ସେହି ବିଷୟବସ୍ତୁକୁ ନେଇ ଗପଟି ରଚିତ।

## ଗପ: ସତ୍ୟନିଷ୍ଠ ସତ୍ୟକାମ
**ଲେଖକ: ନିରଞ୍ଜନ ପତି**

ବେଦମନ୍ତ୍ରର ରଚୟିତା ସତ୍ୟନିଷ୍ଠ ଗୌତମ ଋଷିଙ୍କର ଶିଷ୍ୟ ସତ୍ୟକାମ - ଜାବାଳଙ୍କ ଜୀବନୀକୁ ନେଇ ରଚିତ ହୋଇଛି ଏହି ପୌରାଣିକ ଗଳ୍ପଟି।

**ଗପ: ଜଙ୍ଗଲରେ ବ୍ୟାଙ୍କ ସେବା**

**ଲେଖକ: ନଗେନ୍ଦ୍ରନାଥ ପଟ୍ଟନାୟକ**

ଆଜିକାଲିର ଏ.ଟି.ଏମ୍. ସେବା କେତେ ସମୟ ଉପଯୋଗୀ, ତାହାହିଁ ପଶୁମାନଙ୍କ ମୁହଁରେ ଗପଛଳରେ ଦର୍ଶାଇ ଦିଆଯାଇଛି, ଏହି ଲେଖା ମାଧ୍ୟମରେ।

**ଗପ: ଦୟାଳୁ ପରିଦର୍ଶକ**

**ଲେଖକ: ଦେବାଶିଷ ଚକ୍ରବର୍ତ୍ତୀ**

କବିବର ରାଧାନାଥ ରାୟଙ୍କ ଜୀବନୀରୁ ଏକ ଚମତ୍କାର ଘଟଣାକୁ ଏହି ଗପରେ ରୂପ ଦିଆଯାଇଛି।

**ନାଟକ: ମହା ବଦମାସ**

**ଲେଖକ : ନାରାୟଣ ସାହୁ**

ମଶା କାହିଁକି ସନ୍ଧ୍ୟା ହେବାମାତ୍ରେ ଘୁଁ ଘୁଁ ହୁଏ ଓ ମଣିଷକୁ କାମୁଡି ଗୋଡାଏ ସେ ସମ୍ପର୍କରେ ଏକ ଆଫ୍ରିକୀୟ ଲୋକକଥାକୁ ନେଇ ନାଟକଟି ରଚିତ।

**କବିତା: ମୋ ମାମୁ**

**ଲେଖକ: ପ୍ରଦ୍ୟୁମ୍ନ ପଣ୍ଡା**

ମାମୁଙ୍କର ବିଭିନ୍ନ ପ୍ରକାର ଭେଦକୁ ନେଇ କବିତାଟି ରଚିତ।

**କବିତା : ମୋବାଇଲ**

**ଲେଖକ : ଭବାନୀ ଶଙ୍କର ମହାପାତ୍ର**

ମୋବାଇଲ କିପରି ଆମର ବିଭିନ୍ନ କାର୍ଯ୍ୟରେ ଲାଗୁଛି, ସେ ସମ୍ପର୍କରେ ଏହି କବିତାଟି।

**କବିତା : ରକତ ଦେବୁ ଆମେ**

**ଲେଖକ: ଅରୁଣ ଚନ୍ଦ୍ର ମହାନ୍ତି**

ପିଲାମାନେ ମଧ୍ୟ ରକ୍ତଦାନ କରିଛନ୍ତି; ଏହିପରି ଏକ ବିଷୟକୁ ନେଇ ରଚିତ ଏହି କବିତାଟି।

**କବିତା : ନାଆଁଟି ତାହାର ଚୁଲ୍‌ବୁଲି**

**ଲେଖକ : ବିଷ୍ଣୁମୋହନ**

ଛୋଟ ଝିଅଟିଏ, ନାଆଁ ତା'ର ଚୁଲ୍‌ବୁଲି। ତା' ବିଷୟରେ ଏହି କବିତାଟି।

**କବିତା : ନିଶ୍ଚେ ପାରିବି କରି**

**ଲେଖକ : ନୀଳମଣି ଚାନ୍ଦ**

ପିଲାଟିଏ, ଗୀତ ଗାଇ ପାରିବ, ନାଚି ପାରିବ, ଖେଳରେ ପଦକଟିଏ ବି ପାଇବ। ଏମିତି ପ୍ରେରଣାଦାୟୀ ବିଭିନ୍ନ କଥାର ମହତ୍ତ୍ୱକୁ ଏହି କବିତାରେ ବର୍ଣ୍ଣିତ କରାଯାଉଛି।

**କବିତା : ଆମ ବିଦ୍ୟାଳୟ**

**ଲେଖକ : ସୁବାସ ଚନ୍ଦ୍ର ମିଶ୍ର**

ପୁରାତନ ଯୁଗରୁ ଆଜି ପର୍ଯ୍ୟନ୍ତ ମଣିଷ କିପରି ଯାନବାହନର ବିକାଶ କରିପାରିଛି, ସେସମ୍ପର୍କରେ କବିତାଟି ଆଲୋଚନା କରାଯାଇଛି।

**କବିତା : ଜଗତେ ରଖିଲା ନାଁ**

**ଆମ କୁନାକୁନି ଲେଖିକା : ଅଙ୍କିତା ମହାନ୍ତି**

ନିଜ ବିଦ୍ୟାଳୟ ବିଷୟରେ ଏହି କବିତାଟି ରଚନା କରିଛନ୍ତି, କୁନି ଲେଖିକା।

**ଆମ ପ୍ରକୃତି : କେମିତି ଅଛି : ପ୍ରକୃତି କାନ୍ଦୁଛି**

**ଲେଖକ : ହିତେଶ୍ କୁମାର ବେହେରା**

ଅନେକ ଦିନ ତଳେ ଖୁବ୍ ସୁନ୍ଦର ଥିବା ଆମ ପ୍ରକୃତି ଏବେ କେମିତି ଶ୍ରୀହୀନ ହେବାକୁ ଯାଉଛି, ସେ ବିଷୟରେ ଏହି ଲେଖାଟି ରଚନା କରାଯାଉଛି।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସ୍ଥାନିତ ହୋଇଛି :**

**ରାଜ୍ୟ ଖବର:**

ଓଡ଼ିଶାରେ ହେବ ଆଗ୍ରୋମେଟ୍ ୟୁନିଟ୍, ରାଜ୍ୟରେ ସୃଷ୍ଟିହେବ ୧୦ ହଜାର ସବୁଜ ବିଦ୍ୟାଳୟ, 'କିସ୍'କୁ ଏନର୍ଜି ଗ୍ଲୋବ୍ ୱାର୍ଲ୍ଡ ପୁରସ୍କାର।

**ତୁମ ପାଇଁ ଖବର**

ମଙ୍ଗଳ ଗ୍ରହଠାରୁ ବି ପୃଥିବୀରେ କମ୍ ତାପମାତ୍ରା, କେତେ ରୂପରେ ୧୦ ଟଙ୍କିଆ କଏନ୍?, ଜଳ ଶୁଦ୍ଧିକରଣ ପାଇଁ 'ଦ ଗାଲ୍ ମୋବାଇଲ୍', ଶସ୍ତା ବୋତଲରେ ପାଣି ପିଇବା କ୍ଷତିକାରକ, ଇନ୍ଦ୍ରଧନୁ ରଙ୍ଗର ପର୍ବତ ଶୃଙ୍ଗ, ବୁଢା ଆଙ୍ଗୁଠିଠାରୁ ଛୋଟ ମୋବାଇଲ୍ ଫୋନ।

**ଖେଳ ଖବର**

କୋହଲି, ଆଇସିସି କ୍ରିକେଟର ଅଫ୍ ଦି ଇଅର, ଚାରି ଓଡ଼ିଆ ଖେଳାଳିଙ୍କୁ ଦୌଡ଼କୁଦରେ ଶ୍ରେଷ୍ଠ ମାନ୍ୟତା, ଦୃଷ୍ଟିହୀନ କ୍ରିକେଟ; ବିଶ୍ୱ ଚମ୍ପିଆନ୍ ଭାରତ।

**ଚଳଚ୍ଚିତ୍ର ଖବର**

ଓଡ଼ିଆ କବିଙ୍କ ଜୀବନୀକୁ ନେଇ ବୃତ୍ତଚିତ୍ର, 'କୋଟିଏରେ ଗୋଟିଏ ମନ', ସାମ୍ବାଦିକଙ୍କ କାହାଣୀ 'ମନମୟୂରୀ'।

**ନିୟମିତ ବିଭାଗ ସ୍ଥାନିତ ହୋଇଛି ଯଥା :**

**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠାଶାଳା-୪୮', ଶରତ କୁମାର ନାୟକଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ? କିଏ ଅଲଗା?, ବାଟ ବତାଅ, ଜାଣିଛ କି?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■